# ଇକୋ ପାର୍କ ହାତକୁ ନେଲା ପୌରପାଳିକା



ଅନୁଗୋଳ,୮।୮ (ଜ୍ୟୋତି ରଞ୍ଜନ ସାହୁ)

ଅନୁଗୋଳ ସହରବାସୀଙ୍କ ମନୋରଞ୍ଜନ ପାଇଁ ଶିକ୍ଷକପଡା ଠାରେ ପୌରପାଳିକା ପକ୍ଷରୁ ନିର୍ମାଣ କରାଯାଇଥିବା ଇକୋ ପାର୍କକୁ ନିଜ ଅଧୀନକୁ ନେଇଛି ପୌରପାଳିକା। ଏହାର ପରିଚାଳନା ଦାୟିତ୍ୱରେ ଥିବା ଠିକା ସଂସ୍ଥା ଠିକ୍ ଭାବେ ଅର୍ଥ ଦେଇ ନ ପାରିବାରୁ ଓ ବକେୟା ରଖିବାକୁ ଶେଷରେ ପୌରପାଳିକା ଏହାକୁ ଗୁରୁବାର ନିଜ ହାତକୁ ନେଇଛି।

ପ୍ରକାଶ ଯେ, ପୌରପାଳିକା ପକ୍ଷରୁ ନିର୍ମାଣ କରାଯାଇଥିବା ଇକୋ ପାର୍କରେ ଓପନ ଜିମ୍, ବୋଟିଂ, ପିଲାଙ୍କ ପାଇଁ ବିଭିନ୍ନ ପ୍ରକାର ଦୋଳି ବ୍ୟବସ୍ଥା ରଖାଯାଇଥିଲା। ପୂର୍ବରୁ ସହରରେ ଏପରି ପାର୍କ ନ ଥିବାରୁ ଇକୋ ପାର୍କ ହେବା ପରେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। କିନ୍ତୁ କିଛି ଦିନ ପରେ ରକ୍ଷଣାବେକ୍ଷଣ ଠିକ୍‌ରେ ନ କରିପାରିବାରୁ ଏହାକୁ ପୌର ପ୍ରଶାସନ ୨୦୨୨ ମସିହାରେ ଏକ ଠିକା ସଂସ୍ଥା ହାତକୁ ଟେକି ଦେଇଥିଲା। ଉକ୍ତ ଠିକା ସଂସ୍ଥା ଏ ବାବଦରେ ବାର୍ଷିକ ୨୩ଲକ୍ଷ ୫୦ ହଜାର ଟଙ୍କା ପୌରପାଳିକାକୁ ଦେବ ବୋଲି ଟେଣ୍ଡରରେ ଉଲ୍ଲେଖ ରହିଥିଲା। ଏହି ଟେଣ୍ଡରର ଅବଧି ୩ ବର୍ଷ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା। ୨୦୨୨ ମସିହାରେ ସଂସ୍ଥା ପକ୍ଷରୁ ୨୩ଲକ୍ଷ ୫୦ହଜାର ଟଙ୍କା ପୈଠ ହୋଇଥିଲା ଓ ବୋଟିଂ ବାବଦକୁ ୫ଲକ୍ଷ ୫୦ ହଜାର ପୈଠ କରିଥିଲା। ହେଲେ ଦ୍ୱିତୀୟ ବର୍ଷ ଏଥିରେ ବ୍ୟତିକ୍ରମ ହୋଇଥିଲା। ସଂସ୍ଥା ୧୨ଲକ୍ଷ ଟଙ୍କା ବାକି ରଖିଥିବା ବେଳେ ବୋଟିଂ ବାବଦକୁ ୫ଲକ୍ଷ ୫୦ ହଜାର ଟଙ୍କା ପୈଠ କରି ନ ଥିଲା। ବାରମ୍ବାର ନୋଟିସ କରିବା ପରେ ସଂସ୍ଥା ପକ୍ଷରୁ ବକେୟା ରାଶି ପୈଠ କରାଯାଇ ନ ଥିବାରୁ ଗୁରୁବାର ପୌରଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ଏକ ଟିମ୍ ଗଠନ କରାଯାଇ ଇକୋ ପାର୍କକୁ ଠିକାସଂସ୍ଥା ଠାରୁ ନିଜ ଅଧୀନକୁ ଅଣାଯାଇଥିଲା। ଏ ସମ୍ପର୍କରେ ପୌର ଅଧିକାରୀ କହିଛନ୍ତି, ପୂର୍ବରୁ ୭ ଥର ନୋଟିସ ପଠା ଯାଇଥିଲା। ବକେୟା ରାଶି ପୈଠ କରିବାକୁ ହେଲେ ସଂସ୍ଥା ପକ୍ଷରୁ ସେମିତି କିଛି ଉତ୍ତର ଆସି ନ ଥିଲା। ଜୁଲାଇ ୩୧ରେ ଶେଷ ଥର ନୋଟିସ ପଠାଯିବା ପରେ ପାର୍କକୁ ନିଜ ଅଧୀନକୁ ଅଣାଯାଇଛି। ପରବର୍ତ୍ତୀ ନିର୍ଦ୍ଧାରିତ ସମୟ ଭିତରେ ବକେୟା ରାଶି ପୈଠ କରାଗଲେ ପୁଣି ଉକ୍ତ ସଂସ୍ଥାକୁ ପାର୍କ ପରିଚାଳନା ପାଇଁ ଦିଆଯିବ।

# ଗଣବଳାତ୍କାର ଘଟଣା: ୩ ଅଭିଯୁକ୍ତ ଗିରଫ

ଅନୁଗୋଳ,୮।୮ (ଜ୍ୟୋତି ରଞ୍ଜନ ସାହୁ)

ଅନୁଗୋଳ ସହରରେ ମଙ୍ଗଳବାର ରାତିରେ ଜଣେ ଯୁବତୀ ଓ ନାବାଳିକାଙ୍କୁ ଗଣବଳାତ୍କାର କରାଯିବା ସହ ରାସ୍ତା ପାର୍ଶ୍ୱରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଅନୁଗୋଳ ଟାଉନ ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ଏକ କାର୍ ଓ ୩ଟି ମୋବାଇଲ ଜବତ କରାଯାଇଛି।

ପୋଲିସ କହିଛି, ମଙ୍ଗଳବାର ରାତିରେ ସ୍ଥାନୀୟ ଗୋପବନ୍ଧୁ ପାର୍କରେ ୨ ଜଣ ଝିଅ ଓ ଜଣେ ଯୁବକ ବସିଥିଲେ। କିଛି ସମୟ ପରେ ସମ୍ପୃକ୍ତ ଯୁବକଙ୍କ କେତେଜଣ ସାଙ୍ଗ ଏକ କାର୍ ନେଇ ସେଠାରେ ପହଞ୍ଚିବା ପରେ ସମସ୍ତେ ଡେରଜାଙ୍ଗ ଡ୍ୟାମ ବୁଲିବାକୁ ଯାଇଥିଲେ। ବାଟରେ ଯୁବକମାନେ ମଦ କିଣି ପିଇବା ସହ ନାବାଳିକା ଓ ଯୁବତୀଙ୍କୁ ଜବରଦସ୍ତ ପିଆଇଥିଲେ। ଡେରଜାଙ୍ଗରେ ପହଞ୍ଚିବା କ୍ଷଣି ସେଠାରେ ଆଉ ଜଣେ ଯୁବକ ସେମାନଙ୍କ ସହ ମିଶିଥିଲେ। ସେଠାରେ ସମ୍ପୃକ୍ତା ନାବାଳିକା ଓ ଯୁବତୀଙ୍କୁ ଗଣ ବଳାତ୍କାର କରାଯାଇଥିଲା। ପରେ ଯୁବକମାନେ ଜିନ୍ଦଲ ରୋଡ ଦେଇ ଫେରିବା ସହ ଅନୁଗୋଳର ଏକ ସ୍ଥାନରେ ୨ ପୀଡ଼ିତାଙ୍କୁ ରାସ୍ତା ପାର୍ଶ୍ୱରେ ପକାଇଦେଇ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଖବରପାଇ ପୋଲିସ ପୀଡ଼ିତା ଦ୍ୱୟଙ୍କୁ ଉଦ୍ଧାର କରି ଚିକିତ୍ସାଳୟକୁ ନେଇଥିଲା। ପରେ ପୀଡ଼ିତା ଦ୍ୱୟଙ୍କ ଅଭିଯୋଗ କ୍ରମେ ପୋଲିସ ୫ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ ଅଟକ ରଖିଥିଲା। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ଏହାପରେ ଟିଆଇ ପରେଡ କରାଯିବ ବୋଲି ଅନୁଗୋଳ ଥାନା ଅଧିକାରୀ ସୂଚନା ଦେଇଛନ୍ତି।



# ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ଅନୁଗୋଳ,୮।୮ (ଜ୍ୟୋତି ରଞ୍ଜନ ସାହୁ)

ଅନୁଗୋଳ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଜିଲା ପ୍ରଶାସନ ଆନୁକୂଲ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସ୍ଥାନୀୟ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ମହାବିଦ୍ୟାଳୟର ମୋଟ ୧୯ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେହିପରି ସ୍ଥାନୀୟ ମହିଳା ମହାବିଦ୍ୟାଳୟ ଠାରେ ମହାବିଦ୍ୟାଳୟସ୍ତରୀୟ ଦେଶାତ୍ମବୋଧକ କଣ୍ଠ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୧୯ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରୀୟ ବକ୍ତୃତା, ଦେଶାତ୍ମବୋଧକ କଣ୍ଠ ସଂଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଓ ଇଂଲିଶ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୯୫ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ସମସ୍ତ ପ୍ରତିଯୋଗିତାଗୁଡିକ ସମ୍ପୃକ୍ତ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।



# ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି



ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

କଣିହାଁ, ୮।୮ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକରେ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ ଅଧକ୍ଷତା କରିଥିଲେ। ବିଡିଓ ଦେବଦତ୍ତ ପ୍ରଧାନ ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ସ୍ୱାଧୀନତା ଦିବସକୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାକୁ ନେଇ ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷାନୁଷ୍ଠାନ ଅଧକ୍ଷ, ଶିକ୍ଷକ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କଲେଜ, ହାଇସ୍କୁଲ, ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାର ପରିଚାଳନା ନିମନ୍ତେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ମଙ୍ଗୁଲୁ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ବୈଠକରେ କଣିହାଁ ଯୁକ୍ତ ୨ କଲେଜ ଅଧକ୍ଷ ଡ. ନାରାୟଣ ଦାସ, ଅଧାପକ ଗଣେଶ ପାତ୍ର, ପ୍ରଧାନ ଶିକ୍ଷକ ସ୍ୱସ୍ତିସୀମା ସାହୁ, ଶିକ୍ଷକ ଦୀପକ ମଲ୍ଲିକ, ପିଇଓ ବିଜୟ କୁମାର ସାହୁ, ଯୋଗାଣ ଅଧିକାରୀ କୃଷ୍ଣା ଭାରତୀ, ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ଟୁକୁନା ବେହେରା, ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ସଭାପତି ବିନାୟକ ପ୍ରଧାନ, ସମ୍ପାଦକ କ୍ଷୀରସିନ୍ଧୁ ସେଠୀ, ରାଜେନ୍ଦ୍ର ପ୍ରଧାନ, ପ୍ରାକ୍ତନ ସମିତି ସଭ୍ୟ ଦେବେନ୍ଦ୍ର ବାରିକ, ଅଲେଖ ଭୂତିଆ, ଟୁନା ସାହୁ, ନୀଳକଣ୍ଠ ବେହେରା, ମହେଶ୍ୱର ନାଏକ, ସୁଶୀଲ ନାଏକ, ବିଜୟ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ନିଃଶୁଳ୍କ ପ୍ରଶିକ୍ଷଣ ପାଇଁ ୨୧ ଜଣ ଚୟନ

କଣିହାଁ,୮।୮ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ପଞ୍ଚାୟତ ସମିତି ପବିତ୍ରମୋହନ ସଭାଗୃହରେ ଗୁରୁବାର ଆତ୍ମନିର୍ଭର ହେବାକୁ ଦେୟମୁକ୍ତ ପ୍ରଶିକ୍ଷଣ ନିମନ୍ତେ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ଜିଲା ଖଣିଜ ପାଣ୍ଠି ସହଯୋଗରେ ଉକ୍ତ ଯୋଜନାକୁ ନେଇ ସେଣ୍ଟ୍ରାଲ ଟୋଲ ରୁମ ଆଣ୍ଡ ଟ୍ରେନିଂ ସେଣ୍ଟର ଅନ୍ୟାନ୍ୟ ସହଭାଗିତା ପ୍ରଶିକ୍ଷଣ ଦେବା ପାଇଁ ଦାୟିତ୍ୱ ନେଇଛି। ଏହି ଚୟନ କାର୍ଯ୍ୟକ୍ରମରେ ଦଶମ, ଯୁକ୍ତ ୨, ଯୁକ୍ତ ୩ ପାସ ଓ ଆଇଟିଆଇ ତାଲିମପ୍ରାପ୍ତ ୧୮ ରୁ ୩୦ ବର୍ଷ ମଧ୍ୟରେ ରହିଥିବା ବେକାର ଯୁବତୀ ଯୁବକମାନେ ନିୟମ ଅନୁସାରେ ଆବେଦନ କରିଥିଲେ। ୪୫ ଜଣ ପଞ୍ଜୀକୃତଙ୍କ ମଧ୍ୟରୁ ୨୧ ଜଣଙ୍କୁ ପ୍ରଶିକ୍ଷଣ ପାଇଁ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସସ୍ମିତା ନାୟକ, ଟ୍ରେନର ସୁବ୍ରତ କୁମାର ମହାନ୍ତ, ବ୍ୟବସ୍ଥାପକ ଦେବାଶିଷ ପଡ଼ିହାରୀ, ଲୋକାଲ ସଂଯୋଜକ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ରହି ଥିଲେ।




# ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ, ସ୍ଥାୟୀ ନିଯୁକ୍ତି ଦାବି



ନାଲ୍‌କୋ ଏଲ୍‌ଏପି/ଆଇଟିଆଇ କ୍ଷତିଗ୍ରସ୍ତ ପ୍ରଜା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରାଯାଉଛି।

ବଆଁରପାଳ, ୮।୮ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋ ଏଲ୍‌ଏପି/ଆଇଟିଆଇ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରାଯିବା ସହିତ କ୍ଷତିଗ୍ରସ୍ତ ପ୍ରଜା କିପରି ନାଲ୍‌କୋରେ ସ୍ଥାୟୀ ନିଯୁକ୍ତି ପାଇବେ ସେଥିପାଇଁ ଦାବି କରାଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ଉଦ୍ୟମରେ ଆଇଟିଆଇ (ଏଲ୍‌ଏପି) କ୍ଷତିଗ୍ରସ୍ତ ପ୍ରଜାସଂଘର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ।

ସଂଘର ଏକ ୨୦ ଜଣିଆ ପ୍ରତିନିଧି ମଣ୍ଡଳୀ ସଭାପତି ଦିବ୍ୟ ରଞ୍ଜନ ଦାସ, ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ସାମଲ, କାର୍ଯ୍ୟକାରୀ ସଭାପତି ସୌଭାଗ୍ୟ ସାହୁ, ଉପସଭାପତି ଯୋଗେଶ ସାମଲ, ସମ୍ପାଦକ ପାଣ୍ଡବ ସାହୁ, ଜ୍ୟୋତି ରଞ୍ଜନ ବେହେରା, ସୁଶାନ୍ତ ବିଶ୍ୱାଳ, ସୂର୍ଯ୍ୟକାନ୍ତ ପୃଷ୍ଟି, ସନ୍ତୋଷ ବେହେରା, ପ୍ରଶ୍ନ ସେନାପତି, ପ୍ରଶାନ୍ତ ବେହେରା, ଶ୍ରୀକାନ୍ତ ସାହୁ, ତାପସ ଲେଙ୍କା, ଆନନ ବିଶ୍ୱାଳ, ମହିଳା ନେତ୍ରୀ ବନିତା ପ୍ରଧାନ, ଆରତୀ ନାଏକ, ସୁଶ୍ରୀ ବୈଦ୍ୟ, କୁମୁଦିନୀ ମହାରଣା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ସହ ନାଲକୋ ସ୍ମେଲସର୍ଡ ଆଇଟିଆଇ (ଏଲଏପି) ୧୯୮ କ୍ଷତିଗ୍ରସ୍ତ ପ୍ରଜା କିପରି ନାଲ୍‌କୋ କାରଖାନାରେ ସ୍ଥାୟୀ ନିଯୁକ୍ତି ସୁଯୋଗ ପାଇବେ ସେ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ୨୦ ବର୍ଷର ଏହି ସମସ୍ୟା ବିଷୟରେ ଖୁବଶୀଘ୍ର ସମାଧାନର ବାଟ ବାହାର କରି ଏହା ଉପରେ କିପରି ନ୍ୟାୟ ମିଳିବ ସେ ବିଷୟରେ ସରକାର ପଦକ୍ଷେପ ନେବେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଭାଜପା ଉପସଭାପତି ଅମିୟ ତ୍ରିପାଠୀଙ୍କ ସହିତ ଅନ୍ୟ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।



ଓ.ପି. ଜିନ୍ଦଲ ଅନୁଗୋଳ କପ୍ ଫୁଟ୍‌ବଲର ପ୍ରଥମ କ୍ୱାର୍ଟର ଫାଇନାଲ ଗୁରୁବାର ସ୍ପୋର୍ଟ୍ସ ହଷ୍ଟେଲ ଓ ବରଗଡ଼ ମଧ୍ୟରେ ଖେଳାଯାଉଛି। ଏଥିରେ ବରଗଡ଼ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। (ଫଟୋ- ବୁବୁ)

# ବଢୁଛି ଦେଶୀ ବନ୍ଧୁକ କାରବାର

ବଇଣ୍ଡା,୮।୮ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାପଘରା, ଆମ୍ବସରମୁଣ୍ଡା, ମଇମୁରା, ଟାପଢୋଲ, କନ୍ତପଡା ଆଦି ପଞ୍ଚାୟତର କେତୋଟି ଗ୍ରାମରେ ଚୋରା ଦେଶୀ ବନ୍ଧୁକ କାରବାର ବଢ଼ିବାରେ ଲାଗିଛି। ଅନେକ ଶିକାରୀ ଜନ୍ତୁ ଶିକାର କରିବା ପାଇଁ ଘରେ ଚୋରା ଦେଶୀ ବନ୍ଧୁକ ରଖିଥିବା ବେଳେ ପୋଲିସ ପକ୍ଷରୁ ଜବତ କରାଯାଉ ନାହିଁ। ଫଳରେ ଶିକାରୀମାନେ ପ୍ରତ୍ୟେକ ଦିନ ଅବାଧରେ ଜନ୍ତୁ ଶିକାର କରୁଛନ୍ତି। କିଛି ଦିନ ତଳେ ଠାକୁରଗଡ଼ ଅଞ୍ଚଳରେ ଗୁଳି ମାଡ଼ରେ ଜଣେ ଗୁରୁତର ହୋଇଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କାହାରିକୁ ଗିରଫ କରାଯାଇ ନାହିଁ। ତୁରନ୍ତ ଏଥିପ୍ରତି ପୋଲିସ ଓ ବନ ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଭୁଲ୍ ବୁଝାମଣାରୁ ଅପ୍ରୀତିକର ସ୍ଥିତି

ପାଲଲହଡା,୮।୮ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ସଦର ମହକୁମାଠାରେ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଏକ ଧାର୍ମିକ ସ୍ଥଳରେ ଗୁରୁବାର ସନ୍ଧ୍ୟାରେ ଭୁଲ୍ ବୁଝାମଣାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ପାଲଲହଡ଼ା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ପାଲଲହଡ଼ା ଥାନା ଆଇଆଇସି ପରାଓ ଟୁଟୁ କହିଛନ୍ତି, ଦେବଗଡ଼ ଜିଲାରୁ ଉକ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର କେତେଜଣ ଧର୍ମଗୁରୁ ପାଲଲହଡ଼ାସ୍ଥିତ ଧାର୍ମିକ ସ୍ଥଳକୁ ଆସିଥିଲେ। ସେମାନେ ଧାର୍ମିକ କାର୍ଯ୍ୟକ୍ରମ କରୁଥିବା ବେଳେ ଭୁଲ୍‌ବୁଝାମଣା ପାଇଁ ଅନ୍ୟ ସମ୍ପ୍ରଦାୟର କିଛି ସଙ୍ଗଠନ କର୍ମକର୍ତ୍ତା ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ସେଠାରେ ଅପ୍ରୀତିକର ସ୍ଥିତି ଉପୁଜିଥିଲା। ପୋଲିସ ବୁଝାଶୁଝା କରିବା ପରେ ସବୁକିଛି ଠିକ୍‌ଠାକ୍ ହୋଇଯାଇଥିଲା। ପୋଲିସ ଉପସ୍ଥିତି ରହି ଘଟଣା ଉପରେ ନଜର ରଖିଥିବା ଆଇଆଇସି ପ୍ରକାଶ କରିଛନ୍ତି।

**ଅନୁଗୋଳରେ ଗଣେଶ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ**

# ଡିଜେ ବଜାଇଲେ କାର୍ଯ୍ୟାନୁଷ୍ଠାନ






ଅନୁଗୋଳ,୮।୮ (ଜ୍ୟୋତି ରଞ୍ଜନ ସାହୁ)

ଅନୁଗୋଳରେ ଗଣେଶ ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅତିରିକ୍ତ ଜିଲାପାଳ ଉପସ୍ଥିତ ସମସ୍ତ ପୂଜା କମିଟି ସଭାପତି, ସମ୍ପାଦକ ଓ ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ। ଆସନ୍ତା ମାସ ୭ ତାରିଖରୁ ପୂଜା ଆରମ୍ଭ ହୋଇ ୧୪ ତାରିଖରେ ବିସର୍ଜନ ଉତ୍ସବ ପାଳନ କରାଯିବ। ପୂର୍ବବର୍ଷ ଗଣେଶ ପୂଜାରେ ଭସାଣି ସମୟରେ କିଛି ପୂଜା କମିଟି ପକ୍ଷରୁ ଡିଜେ ବଜାଯାଇଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଚଳିତ ବର୍ଷ ଏହା ପୁନରାବୃତ୍ତି ନ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରତ୍ୟେକ ପୂଜା ମଣ୍ଡପରେ ଶାନ୍ତିଶୃଙ୍ଖଳା, ଆଇନଶୃଙ୍ଖଳା ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ତୋରଣ ନିର୍ମାଣ, ରାସ୍ତା ମରାମତି, ବିଦ୍ୟୁତ୍ ଯୋଗାଣ, ପରିମଳ ବ୍ୟବସ୍ଥା ଏବଂ ଶେଷରେ ଭସାଣି ଉତ୍ସବ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ପୂଜାମଣ୍ଡପରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ୧୦ ଜଣ ଲେଖାଏ ସ୍ୱେଚ୍ଛାସେବୀ ନିୟୋଜିତ କରିବେ। ଭସାଣି ଦିନ ସେଣ୍ଟ୍ରାଲ ପୂଜା କମିଟି ସଦସ୍ୟମାନଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମାନୁଯାୟୀ ମେଢଗୁଡିକର ସ୍ଥିରୀକୃତ ମାର୍ଗ ଦେଇ ଠିକ ସମୟରେ ବିସର୍ଜନ ସ୍ଥଳରେ ପହଞ୍ଚିବେ। ଏ ସମ୍ପର୍କରେ ସେଣ୍ଟ୍ରାଲ ପୂଜା କମିଟି ଅନୁଗୋଳ ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ ଥାନା ଆଇଆଇସିଙ୍କ ସହିତ ଆଲୋଚନା କରି ବିସର୍ଜନ ସମ୍ପର୍କିତ ବିଭିନ୍ନ ନିୟମ ସ୍ଥିରୀକୃତ କରିବେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲାପାଳ ସୁକାନ୍ତ କୁମାର ସାହୁ, ଏସ୍‌ଡିପିଓ ରମାକାନ୍ତ ମହାଲିକ, ଅନୁଗୋଳ ଆଇଆଇସି ଧୀରେଶ ଦାସଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

# ଅବାଧରେ ଚାଲିଛି କାଠ ଚାଲାଣ, ଚଢ଼ାଉ ହେଉନି

**ବଇଣ୍ଡା,୮।୮ (ପରିକ୍ଷିତ ସାହୁ)**



ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ଅଧୀନରେ ଥିବା ରଇଡ଼ା, ଖଳିତଇଲା, ରାମପୁର ଜଙ୍ଗଲ ଏବେ ଅସୁରକ୍ଷିତ ହୋଇପଡ଼ିଥିବା ଅଭିଯୋଗ ହେଉଛି। ଏହି ଜଙ୍ଗଲରୁ ଅବାଧରେ କାଠ ଚାଲାଣ କରାଯାଉଥିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଯାଇଛି। ଧଣ୍ଡାତୋପା ରେଞ୍ଜ ନିକଟରେ ଥିବା ଏହି ଜଙ୍ଗଲରେ ଏବେ କାଠ ମାଫିଆ ସକ୍ରିୟ ହୋଇପଡ଼ିଥିବା ଯୋଗୁ ଆଗାମୀ ଦିନରେ ଜଙ୍ଗଲଗୁଡ଼ିକ ପଦା ହୋଇଯିବା ଆଶଙ୍କା କରାଯାଇଛି। ଏ ନେଇ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟ ଠାରେ ସ୍ଥାନୀୟ ଅଞ୍ଚଳବାସୀ ବହୁବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ମଇମୁରା ଯୁବକ ସଙ୍ଗଠନ ପକ୍ଷରୁ ଗୁରୁବାର ଅନୁଗୋଳ ଜିଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରାଯାଇଛି।

ସଙ୍ଗଠନ ପକ୍ଷରୁ ଉଲ୍ଲେଖ କରାଯାଇଛି, ଆଠମଲ୍ଲିକ ବନଖଣ୍ଡରେ ଏହି ଜଙ୍ଗଲ ଗୁଡ଼ିକ ରହିଛି। କିନ୍ତୁ ଆବଶ୍ୟକ ରକ୍ଷାଣବେକ୍ଷଣ ଅଭାବରୁ ଏହା ଅସୁରକ୍ଷିତ ହୋଇପଡ଼ିଛି। ରଇଡ଼ା ଜଙ୍ଗଲକୁ ଅଧିକ ଘଞ୍ଚ କରିବାକୁ ୧୯୯୦ରେ ରାଜ୍ୟ ସରକାର, ବନ ବିଭାଗ ପକ୍ଷରୁ ମିଳିତ ଭାବରେ ୮ ହଜାର ୭୬୫ ଶାଳ, ଶାଗୁଆନ, ଶିଶୁ ଭଳି ମୂଲ୍ୟବାନ ଗଛ ଲଗାଯାଇଥିଲା। ସେହିପରି ଖଳିତଇଲା ଜଙ୍ଗଲରେ ୬ ହଜାର ୭୮୫ ବିଭିନ୍ନ ପ୍ରକାରର ମୂଲ୍ୟବାନ ଗଛ ଲଗାଯାଇଥିଲା। ଏବେ ସେହି ଗଛଗୁଡ଼ିକ ବଡ଼ ହୋଇଯାଇଥିବା ଯୋଗୁ ଜଙ୍ଗଲଟି ପୂରା ଘଞ୍ଚ ହୋଇରହିଛି। ଫଳରେ ଏହା ଉପରେ କାଠ ଚୋରଙ୍କ ନଜର ପଡ଼ିଛି। ପ୍ରତ୍ୟେକ ଦିନ ଏହି ଜଙ୍ଗଲରୁ କାଠଚୋରମାନେ ଅବାଧରେ ଗଛ କାଟି ଚାଲାଣ କରୁଛନ୍ତି। ବନ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତକରି କାଠମାଫିଆମାନେ ଏହି କାରବାର କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବନ ବିଭାଗ ପକ୍ଷରୁ ରାତି ପାଟ୍ରୋଲିଂ କରାଯାଉ ନ ଥିବା ଯୋଗୁ ନିରାପଦରେ କାଠ ମାଫିଆମାନେ ଗଛ କାଟୁଛନ୍ତି। ପୂର୍ବରୁ ଗ୍ରାମବାସୀ ଏ ନେଇ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟ ଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ କି ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉନାହିଁ। ତୁରନ୍ତ ଏଥିପ୍ରତି ବନ ବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେଇ ପଦେକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁ କହିଛନ୍ତି, ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦିଆଯାଉଛି। ଆଗାମୀ ଦିନରେ ଅଧିକ ପଦକ୍ଷେପ ନିଆଯିବ।

# ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ

**ପରଜଙ୍ଗ,୮।୮ (ନିଗମାନନ୍ଦ ଦଳବେହେରା)**

ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ସ୍ମୃତିରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ତହସିଲଦାର ମଦନ ମୋହନ ଜେନା, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ପଣ୍ଡା, ମହାବିରୋଡ ରେଞ୍ଜର ହରେଶ ଚନ୍ଦ୍ର କିଶାନ, ବ୍ଲକ ଶିକ୍ଷା ଅଧିକାରୀଙ୍କ ଉତ୍ତରାଧିକାରୀ ଭାବେ ଜ୍ୟୋତ୍ସ୍ନାମୟୀ ବେହେରା, ବିବିଏମଓ ଅଶ୍ୱିନୀ କୁମାର ମିଶ୍ର, ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ବିରଜା ଶଙ୍କର ଦାସ, ସିଡିପିଓ ବିଜୟ ଲକ୍ଷ୍ମୀ ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହି ଫାଇଲେରିଆ ନିରାକରଣ ଅଭିଯାନର ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ କିପରି କାର୍ଯ୍ୟକାରୀ କରାଯିବ ସେ ଉପରେ ସବିଶେଷ ଆଲୋଚନା କରିଥିଲେ। ଜିଲା ସ୍ୱାସ୍ଥ୍ୟ ସମିତି ଢେଙ୍କାନାଳ ଦ୍ୱାରା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ କିପରି ଆଗକୁ ନିଆଯାଇପାରିବ ତାହା ଉପରେ ଆଲୋଚନା କରାଯାଇଥିଲା।




# ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

**ଖମାର,୮।୮ (ରଜନୀକାନ୍ତ ମହାରଣା)**

ପାଲଲହଡା ଉପଖଣ୍ଡ ଶଙ୍ଖପୁର ପଞ୍ଚାୟତ ପାଣିହରା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗ୍ରାମବାସୀ ତାଲା ପକାଇଛନ୍ତି। ସୂଚନା ଅନୁଯାୟୀ ଏହି ସ୍କୁଲରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ପଢ଼ାଇବାକୁ ୪ ଜଣ ଶିକ୍ଷକ ନିଯୁକ୍ତ ହୋଇଥିଲେ। କିନ୍ତୁ ଗତ ୧୫ ଦିନ ହେବ ବିଜ୍ଞାନ ଶିକ୍ଷକଙ୍କୁ ଅନ୍ୟ ଏକ ବିଦ୍ୟାଳୟକୁ ଡେପୁଟେଶନରେ ଶିକ୍ଷା ବିଭାଗ ପଠାଇଥିବାରୁ ସ୍କୁଲରେ ମାତ୍ର ୩ଜଣ ଶିକ୍ଷକ ଅଛନ୍ତି। ଫଳରେ ପାଠପଢ଼ାରେ ଅସୁବିଧା ହେଉଥିବା ଗ୍ରାମବାସୀ ଅନୁଭବ କରି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀ ସ୍କୁଲରେ ତାଲା ପକାଇ ଦେଇଛନ୍ତି। ଏ ବିଷୟରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟବ୍ରତ ମାଝୀ କହିଛନ୍ତି, ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇ ଠିକ ପଦକ୍ଷେପ ନିଆଯିବ।




# ଡିଜିଟାଲ ଫସଲ ସର୍ବେକ୍ଷଣ ପାଇଁ ପ୍ରଶିକ୍ଷଣ



ଡିଜିଟାଲ ଫସଲ ସର୍ବେକ୍ଷଣ ସମ୍ପର୍କିତ ଏକ ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

**ସାତମାଇଲ,୮।୮ (ସୁଶାନ୍ତ ପତି)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସଭାଗୃହ ପରିସରରେ ଡିଜିଟାଲ ଫସଲ ସର୍ବେକ୍ଷଣ ସମ୍ପର୍କିତ ଏକ ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରୀୟ କମିଟି ଅଧ୍ୟକ୍ଷ ହିନ୍ଦୋଳ ତହସିଲଦାର ଦିଲୀପ କୁମାର ସେଠୀଙ୍କ ପୌରୋହିତ୍ୟରେ ଏହି ଶିବିରରେ ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଡିଜିଟାଲ ଫସଲ ସର୍ବେକ୍ଷଣର ଆବଶ୍ୟକତା ଓ ଏହାର ପ୍ରମୁଖ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ଏହାଦ୍ୱାରା ହିନ୍ଦୋଳ ବ୍ଲକର ମୋଟ ୩ ଲକ୍ଷ ୧୦ ହଜାର ୯୫୨ଟି କୃଷି ପ୍ଲଟର ସର୍ବେକ୍ଷଣ କରାଯିବ। ଏହି କାର୍ଯ୍ୟକ୍ରମକୁ ସମ୍ପାଦନ କରିବା ପାଇଁ ମୋଟ ୭ଜଣ ମାଷ୍ଟର ଟ୍ରେନର, ୪ଜଣ ଭେରିଫାଇଙ୍ଗ ଅଧିକାରୀ, ୬୯ଜଣ ସୁପରଭାଇଜର ଓ ୨୦୭ଜଣ ସର୍ଭେୟର ନିୟୋଜିତ ହେବେ ବୋଲି ମଞ୍ଚାସୀନ ଅତିଥିମାନେ ପ୍ରକାଶ କରିଥିଲେ। ଏହି ଶିବିରରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର (ଆତ୍ମା)ର ସହକାରୀ ବୈଷୟିକ ପରିଚାଳକ ସମୀର କୁମାର ପଟ୍ଟନାୟକ ମାଷ୍ଟର ଟ୍ରେନର ଭାବରେ ଯୋଗଦେଇ ଉପସ୍ଥିତ ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ସୋମେଶ ଉପାଧ୍ୟାୟ ହେବେ ଢେଙ୍କାନାଳ ଜିଲାପାଳ

**ଢେଙ୍କାନାଳ,୮।୮ (ରତନ ନାୟାର)**

ଢେଙ୍କାନାଳ ଜିଲାପାଳ ତଥା ୨୦୧୫ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅମ୍ରିତ ଋତୁରାଜଙ୍କ ଗୁରୁବାର କନ୍ଧମାଳ ଜିଲାର ଜିଲାପାଳ ଭାବେ ବଦଳି ହୋଇଛି। ତାଙ୍କ ସ୍ଥାନରେ ୨୦୧୭ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତଥା ବର୍ତ୍ତମାନ ଦେବଗଡ ଜିଲାପାଳ ଥିବା ସୋମେଶ କୁମାର ଉପାଧ୍ୟାୟଙ୍କର ଢେଙ୍କାନାଳ ଜିଲାପାଳ ଭାବେ ବଦଳି ହୋଇଛି। ଗୁରୁବାର ବଦଳି ନିର୍ଦ୍ଦେଶନାମା ପାଇବା ପରେ ଜିଲାପାଳ ଅମ୍ରିତ ଋତୁରାଜ ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି।

# ମଦ ଜବତ, ଜଣେ ଗିରଫ

**କାମାକ୍ଷାନଗର, ୮।୮(ସୁଧୀର କୁମାର ପରିଡ଼ା)**




ଢେଙ୍କାନାଳ ଜିଲା କାମାକ୍ଷାନଗର ପୋଲିସ ବୁଧବାର ଏକ ପିକ୍‌ଅପ୍ ଭ୍ୟାନ ସହ ମଦ ଜବତ କରିଛି। ଏଥିସହ ଜଣଙ୍କୁ ଗିରଫ କରିଛି। ପ୍ରକାଶ ଯେ, ଏକ ପିକ୍‌ଅପ୍ ଭ୍ୟାନ (ନଂ. ଓଡି୦୫ବିବି-୯୨୫୭)ରେ କାମାକ୍ଷାନଗର ଥାନା ଖୁରୁସିଆ ଗ୍ରାମର ଗୁଣ୍ଡିଚା ମଲ୍ଲିକ ଆମ୍ବପଳାସ ଗ୍ରାମରୁ ୧୦୦୦ ଲିଟର ଦେଶୀ ମଦ ଧରି ଜିରାଳ ଆଡେ ଯାଉଥିବାବେଳେ ଜଗନ୍ନାଥପୁର ଛକରେ ପୋଲିସ ଧରିବାରେ ସକ୍ଷମ ହୋଇଥିଲା। ଘଟଣାସ୍ଥଳରୁ ଗୁଣ୍ଡିଚାଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟଜଣେ ଫେରାର ହୋଇଯାଇଛନ୍ତି। କାମାକ୍ଷାନଗର ଏସ୍‌ଡିପିଓ ଶୁଭାଶିଷ ସାହୁଙ୍କ ନିର୍ଦ୍ଦେଶରେ ଥାନା ଅଧିକାରୀ ଧୀରେନ କୁମାର ବେହେରା, ଏସଆଇ ମାଗୁଣି ଗଡ଼ନାୟକ, ଏସଆଇ ଜିତେନ୍ଦ୍ର କୁମାର ପ୍ରଧାନ ଚଢାଉ କରିଥିଲେ।

# ପୀଡ଼ିତ ଦଳିତ ମହିଳାଙ୍କୁ ନ୍ୟାୟ ଦିଆଯାଉ



ଦଳିତ ଆଦିବାସୀ ମହାସଂଘର ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ଢେଙ୍କାନାଳ,୮।୮ (ରତନ ନାୟାର)**

## ଦଳିତ ଆଦିବାସୀ ମହାସଂଘର ଖବରଦାତା ସମ୍ମିଳନୀ

ଓଡ଼ିଶା ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ଗୁରୁବାର ଢେଙ୍କାନାଳସ୍ଥିତ ଆର୍‌କେ ରିଜେନ୍ସି ହୋଟେଲ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ଅଲ୍ ଓଡ଼ିଶା ଦଳିତ ଆଦିବାସୀ ମହାସଂଘ ସାଧାରଣ ସମ୍ପାଦକ ଡ. ମିହିର ରଞ୍ଜନ ସେଠୀ, ଉପଦେଷ୍ଟା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ରବୀନ୍ଦ୍ର ସେଠୀ, କାମାକ୍ଷାନଗର ଦଳିତ ସଂଘ ସଭାପତି ପ୍ରହଲ୍ଲାଦ ନାୟକ, ଯାଜପୁର ଦଳିତ ସଂଘ ସଭାପତି ଗୟାଧର ମଲ୍ଲିକ, ଜାତୀୟ ଦଳିତ ଆଦିବାସୀ ସଂଖ୍ୟାଲଘୁ ମହାସଂଘ ସଭାପତି ବିଜୟ କୁମାର ସେଠୀ, ଭୁବନ ଦଳିତ ସଂଘ ସଭାପତି ସଞ୍ଜୟ ନାୟକ, ଜିଲା ପରିଷଦ ସଦସ୍ୟା ମମତାଞ୍ଜଳି ବେହେରା, ସାମାଜିକ କର୍ମୀ ମଞ୍ଜୁ ସେଠୀ, ପୀଡିତା ବାସନ୍ତୀ ସେଠୀ, ସତ୍ୟବ୍ରତ ସେଠୀ ଓ ଦିପୁନା ସେଠୀ ପ୍ରମୁଖ ଯୋଗଦେଇ ନିହଲପ୍ରସାଦ ଗ୍ରାମର ପୀଡ଼ିତ ଦଳିତ ମହିଳାଙ୍କୁ ନ୍ୟାୟ ଦେବା ପାଇଁ ଦାବି ରଖିଥିଲେ। କର୍ମକର୍ତ୍ତାମାନେ କହିଥିଲେ, ଗତ ୩୧ ତାରିଖରେ ନିହଲପ୍ରସାଦ ଗ୍ରାମର ଦଳିତ ସମ୍ପ୍ରଦାୟର ବାସନ୍ତୀ ଓ ତାଙ୍କ ପରିବାର ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଘଟଣାକୁ ୮ଦିନ ବିତି ଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପୋଲିସ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ପାଲଟା ଅଭିଯୁକ୍ତମାନେ ପୀଡିତା ବାସନ୍ତିଙ୍କ ପରିବାରକୁ ଧମକଚମକ ଦେଉଥିବା ଅଭିଯୋଗ ହୋଇଛି। ତେଣୁ ବାସନ୍ତୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଦୋଷୀମାନଙ୍କୁ ତୁରନ୍ତ ଗିରଫ କରି କୋର୍ଟଚାଲାଣ କରାଯାଉଛ। ପୀଡିତାଙ୍କ ପରିବାରକୁ ତୁରନ୍ତ ପୋଲିସ ସୁରକ୍ଷା ପ୍ରଦାନ କରାଯାଉ। ବାସନ୍ତୀଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଦିଆଯାଉ ବୋଲି ଅଲ୍ ଓଡ଼ିଶା ଆଦିବାସୀ ମହାସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି।

# ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ବଅଁରପାଳ,୮।୮(ସୁବାସ ସାହୁ)**



ବଅଁରପାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ସତ୍ୟବାନ ବରାହ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ବିଜୟ କୁମାର ଧୀର ଓ ସମ୍ମାନିତ ଅତିଥି ଭାବେ ବୁଢ଼ାପଙ୍କ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଜୟ କୁମାର ଚାନ୍ଦ ଉପସ୍ଥିତ ରହି ବିଜ୍ଞାନର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ଉପସଭାପତି ପ୍ରକାଶ କୁମାର ସିଂହ, ସମ୍ପାଦକ ଅଖିଳ କୁମାର ମହାପାତ୍ର ଓ ସଦସ୍ୟା ପଦ୍ମିନୀ ବେହେରା ଉପସ୍ଥିତ ଥିଲେ। ଉକ୍ତ ଜ୍ଞାନବିଜ୍ଞାନ ମେଳା ବିଜ୍ଞାନ ପ୍ରମୁଖ କାର୍ତ୍ତିକେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ଓ ସମସ୍ତ ଗୁରୁମା, ଗୁରୁଜୀଙ୍କ ସହଯୋଗରେ ପରିଚାଳିତ ହୋଇଥିଲା। ଏଥିରେ ବିଭିନ୍ନ ବର୍ଗରୁ ୧୦୩ ଜଣ ଶିଶୁ ପ୍ରକଳ୍ପ ଆଣିବା ସହିତ ବୈଦିକ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରଶ୍ନମଞ୍ଚ, ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ, ମୂର୍ତ୍ତିକଳାରେ ଭାଗ ନେଇଥିଲେ। ଅତିଥିମାନଙ୍କଙ୍କ ଦ୍ୱାରା କୃତୀ ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ଆଚାର୍ଯ୍ୟ ମାନସ କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ଉଚ୍ଚ ବିଦ୍ୟାଳୟ ମିନିଷ୍ଟାଡିୟମରେ ପାଳନ ନିଷ୍ପତ୍ତି

**ଭୁବନ, ୮।୮(ବିପିନ ବିହାରୀ ସେଠୀ)**

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ସଭାଗୃହରେ ଗୁରୁବାର ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗରପାଳ ଶୁଭେନ୍ଦୁ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ସିଂ ବୈଠକ ପରିଚାଳନା କରିଥିଲେ। ଏନଏସି ମଧ୍ୟରେ ଥିବା ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, କ୍ରୀଡ଼ା ଶିକ୍ଷୟିତ୍ରୀ, ଶିକ୍ଷକ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଅଫିସର ଓ ବିଭିନ୍ନ ବଣିକ ସଂଘ ସଭାପତି ଯୋଗଦେଇଥିଲେ। ଏନ୍‌ଏସିର ୧୫ଟି ୱାର୍ଡର କାଉନସିଲର ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତବର୍ଷ ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟ ମିନିଷ୍ଟାଡିୟମଠାରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ତେବେ ବୈଠକ ସମ୍ପର୍କରେ ସମସ୍ତ ବିଭାଗକୁ ଅବଗତ କରାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଏପରିକି ପୋଲିସ, ଜନସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ ଓ ଖବରଦାତାଙ୍କୁ ଅବଗତ କରାଯାଇ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅଗ୍ନିଶମ ବାହିନୀ ମୁଖ୍ୟ ମନୋରଞ୍ଜନ ବିଶ୍ୱାଳ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ ଦାସ, କାଳିଜାର ବଣିକ ସଂଘ ସଭାପତି ସମୀର କୁମାର ସାହୁ, ନୂଆବଜାର ବଣିକ ସଂଘ ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟି, ସାମାଜିକ କର୍ମୀ ଜଗବନ୍ଧୁ ପୃଷ୍ଟି, କାଉନସିଲର ଗିରିଧାରୀ ସାହୁ, ପପୁ କୁମାର ସାହୁ, ମନମୋହନ ସାହୁ ଚଳିତବର୍ଷ ସ୍ୱାଧୀନତା ଦିବସକୁ ମହାଆଡମ୍ବରରେ ପାଳନ ପାଇଁ ମତ ପ୍ରକାଶ କରିଥିଲେ। ଚଳିତବର୍ଷ ଶିକ୍ଷା, କଳା ଓ ବିଭିନ୍ନ ଦିଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଏପରିକି ପରେଡରେ ଭାଗନେଇଥିବା କ୍ୟାଡେଟମାନଙ୍କ ମଧ୍ୟରେ ଶ୍ରେଷ୍ଠ ଗ୍ରୁପକୁ ପୁରସ୍କୃତ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଏନ୍‌ଏସି କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

# କୃଷକ ଉତ୍ପାଦକ କମ୍ପାନୀର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

**ଢେଙ୍କାନାଳ,୮।୮(ରତନ ନାୟାର)**

ଢେଙ୍କାନାଳ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା କାର୍ଯ୍ୟାଳୟ ସଭାଗୃହରେ ରିୱାର୍ଡ କାର୍ଯ୍ୟକ୍ରମ ଅନ୍ତର୍ଗତ ଧରିତ୍ରୀ ଆଗ୍ରୋ କୃଷକ ଉତ୍ପାଦକ କମ୍ପାନୀ ଓ ସପ୍ତଶଯ୍ୟା କୃଷକ ଉତ୍ପାଦକ କମ୍ପାନୀର ବୋର୍ଡ ନିର୍ଦ୍ଦେଶକମାନଙ୍କୁ ନେଇ ଗ୍ରାଣ୍ଟଥର୍ନଟନ୍ ଭାରତ ଓ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଢେଙ୍କାନାଳଙ୍କ ମିଳିତ ସହଯୋଗରେ ଏକ ଦିନିଆ ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରରେ ପ୍ରକଳ୍ପ ନିର୍ଦ୍ଦେଶକ କଳ୍ପବଟ ବେହେରା, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି, ଅତିରିକ୍ତ ଜିଲା କୃଷି ଅଧିକାରୀ ଶିବନାରାୟଣ ସିଂ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅନୁରାଧା ବେହେରା ତାଲିମଦାତା ଭାବରେ ଯୋଗଦେଇ ନିଜ ନିଜ ବିଭାଗରେ ଥିବା ଯୋଜନାଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଗ୍ରାଣ୍ଟଥର୍ନଟନ୍ ଭାରତ ସଂଯୋଜକ ନାରାୟଣ ଖଟୁଆ, ତାଲିମର ମୁଖ୍ୟ ଉଦ୍ଦେଶ୍ୟ ଓ ରିୱାର୍ଡ ପ୍ରକଳ୍ପର ଅଗ୍ରଗତି ଏବଂ ଭବିଷ୍ୟତର କାର୍ଯ୍ୟ ଯୋଜନାକୁ ପିପିଟି ମାଧ୍ୟମରେ ଉପସ୍ଥାପନା କରିଥିଲେ। ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପିଏମ୍‌ଏଫ୍‌ବିୱାଇ, ଧାଡିରୁଆ ଡିଏସ୍‌ଆର୍ ଯୋଜନା ଓ ରିୱାର୍ଡ ପ୍ରକଳ୍ପ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଏହି ରିୱାର୍ଡ କାର୍ଯ୍ୟକ୍ରମ ମାଧ୍ୟମରେ କିପରି ଧରିତ୍ରୀ ଏବଂ ସପ୍ତଶଯ୍ୟା କୃଷକ ଉତ୍ପାଦକ କମ୍ପାନୀକୁ ଆଗକୁ ନିଆଯାଇପାରିବ, ସେ ସମ୍ପର୍କରେ ସୁଦୀପ୍ତ କୁମାର ବିଶ୍ୱାଳ ମତାମତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ତରଫରୁ ଶ୍ରଦ୍ଧେୟ କୁମାର ମିଶ୍ର, ଚିତ୍ତରଞ୍ଜନ ସେନାପତି ଓ ଜଟାଧାରୀ ସ୍ୱାଇଁ, ଗ୍ରାଣ୍ଟଥର୍ନଟନ୍ ଭାରତ ତରଫରୁ ଚିନ୍ମୟ କୁମାର ଦାସ, ଘନଶ୍ୟାମ ଜେନା ଓ ଅଞ୍ଜଳି ଗାନ୍ଧୀ ଉପସ୍ଥିତ ଥିଲେ। ଏହି ଦିନିକିଆ ତାଲିମ କାର୍ଯ୍ୟକ୍ରମକୁ ଗ୍ରାଣ୍ଟଥର୍ନଟନ ଭାରତର ଜିଲା ସଂଯୋଜକ ନାରାୟଣ ଖଟୁଆ ପରିଚାଳନା କରିବା ସହ ଧନ୍ୟବାଦ୍ ଦେଇଥିଲେ।




କୃଷକ ଉତ୍ପାଦକ କମ୍ପାନୀର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

